**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**29 August - 2024**

**News Editor : *Itishree Singh Rathaur***

# ମୁଖ୍ୟମନ୍ତ୍ରୀ-ବିଧାନସଭା

ଦୁର୍ନୀତି ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଜଳସମ୍ପଦ ବିଭାଗକୁ ଦୁର୍ନୀତିମୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ବିଧାନସଭାରେ ଜଳସମ୍ପଦ ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଉତ୍ତର ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଦୁର୍ନୀତିଗ୍ରସ୍ତ ସରକାରୀ କର୍ମଚାରୀମାନଙ୍କ କ୍ଷେତ୍ରରେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରିବାକୁ ସରକାର ଅଙ୍ଗୀକାରବଦ୍ଧ ।

# ଶ୍ରୀମନ୍ଦିର-ବାସି ଅବଢ଼ା କଟକଣା

ପୁରୀ ଶ୍ରୀମନ୍ଦିର ଆନନ୍ଦ ବଜାରରେ ଏଣିକି ବାସି ଅବଢ଼ା ବିକ୍ରି ଉପରେ କଟକଣା ଲାଗିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । କେବଳ ସୁଆର ଓ ମହାସୁଆର ନିଯୋଗ ତରଫରୁ ସୂଚିତ ସୁପକାରମାନେ ହିଁ ମହାପ୍ରସାଦ ପାଇଁ ଅଧିକୃତ ରହିବେ । ଅଣସୁପକାରମାନଙ୍କୁ ପ୍ରସାଦ ବିକ୍ରି ଉପରେ ବାରଣ କରାଯିବ । ଏହା ସହ ଆନନ୍ଦବଜାରରେ ନିର୍ଦ୍ଦିଷ୍ଟ ଚିହ୍ନଟ ସ୍ଥାନ ବ୍ୟତୀତ ଅନ୍ୟ ସ୍ଥାନରେ ମହାପ୍ରସାଦ ଓ ଅନ୍ୟ ଭୋଗ ବିକ୍ରି କରାଯାଇ ପାରିବ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

## ଶ୍ରୀମନ୍ଦିର-ବୈଠକ

ପୁରୀ ଶ୍ରୀମନ୍ଦିର ପରିଚାଳନା କମିଟିର ବୈଠକ ଆସନ୍ତାକାଲି ନୀଳାଦ୍ରି ଭକ୍ତନିବାସ ଠାରେ ଅନୁଷ୍ଠିତ ହେବ । ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ କେତୋଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବାର କାର୍ଯ୍ୟସୂଚୀ ରହିଛି । ୨୦୨୩-୨୪ ବର୍ଷର ସଂଶୋଧିତ ବ୍ୟୟ ଅଟକଳ ଓ ଏବଂ ଚଳିତ ବର୍ଷର ବଜେଟ୍ ମଧ୍ୟ ଏହି ବୈଠକରେ ଅନୁମୋଦନକୁ ସ୍ୱୀକୃତି ଦିଆଯିବ ବୋଲି ଜଣାପଡ଼ିଛି ।

## ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା

ଚଳିତବର୍ଷ ଦଶମ ଶ୍ରେଣୀ ସପ୍ଲିମେଣ୍ଟାରୀ ପରୀକ୍ଷାରେ ପାସ୍ କରିଥିବା ଛାତ୍ରଛାତ୍ରୀମାନେ ଅନଲାଇନ ଜରିଆରେ ସାର୍ଟିଫିକେଟ୍ ପାଇପାରିବେ ବୋଲି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି । ବୋର୍ଡ ୱେବ୍‌ସାଇଟ୍‌ରୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସାର୍ଟିଫିକେଟ୍ ଡାଇନଲୋଡ୍ କରିବା ନେଇ  ସଚେତନ କରିବାକୁ ରାଜ୍ୟର ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ କୁହାଯାଇଛି ।

## +୩ ନାମଲେଖା

ରାଜ୍ୟରେ ଯୁକ୍ତ ୩ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ଆବେଦନ ସମୟସୀମା ବୃଦ୍ଧି କରାଯାଇଛି । ପୂର୍ବରୁ ଆବେଦନର ଶେଷ ତାରିଖ ଚଳିତ ମାସ ୨୬ ତାରିଖ ଥିବା ବେଳେ ଏହାକୁ ଆସନ୍ତା ସେପ୍ଟେମ୍ବର ମାସ

୨ ତାରିଖ ପର୍ଯ୍ୟନ୍ତ ବଢ଼ାଯାଇଥିବା ନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତିରେ କୁହାଯାଇଛି ।

## ସିଭିଲ୍ ସର୍ଭିସ ପରୀକ୍ଷା

ଓଡ଼ିଶା ଲୋକସେବା ଆୟୋଗ-ଓପିଏସ୍‌ସି ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ୍ ସର୍ଭିସ୍-୨୦୨୨ ମୁଖ୍ୟ ଲିଖିତ ପରୀକ୍ଷା ଫଳ ଗତକାଲି ପ୍ରକାଶ ପାଇଛି । ଚଳିତବର୍ଷ ପରୀକ୍ଷାରେ ୧ ହଜାର ୩୬୭ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ଆସନ୍ତା ସେପ୍ଟେମ୍ବର ମାସ ୯ ତାରିଖରେ ସାକ୍ଷାତକାର ପରୀକ୍ଷା ଏବଂ ପ୍ରମାଣପତ୍ର ଯାଞ୍ଚ ହେବ ବୋଲି ଓପିଏସ୍‌ସି ପକ୍ଷରୁ କୁହାଯାଇଛି ।

## ବାଘ-ସାତକୋଶିଆ

ରାଜ୍ୟର ସାତକୋଶିଆ ଅଭୟାରଣ୍ୟରେ ପୁଣିଥରେ ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବାକୁ ଜାତୀୟ ବ୍ୟାଘ୍ର ସଂରକ୍ଷଣ ସଂସ୍ଥା ଅନୁମୋଦନ ଦେଇଥିବା ନେଇ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶାନ୍ତ ନନ୍ଦ ସୂଚନା ଦେଇଛନ୍ତି। ଏଥିପାଇଁ ବନ ବିଭାଗ ତରଫରୁ ୫ ବର୍ଷିଆ ଯୋଜନା ଗ୍ରହଣ କରାଯାଇଛି । ଏହି ଅବଧି ମଧ୍ୟରେ ମହାରାଷ୍ଟ୍ରର ତଡ଼ବା ଜଙ୍ଗଲରୁ ଏବଂ ମଧ୍ୟପ୍ରଦେଶରୁ ୧୬ଟି ମହାବଳ ବାଘ ଓ ବାଘୁଣୀ ସାତକୋଶିଆ ଜଙ୍ଗଲକୁ ଅଣାଯିବ । ଏହାକୁ ଦୃଷ୍ଟିରେ ରଖି ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ୬ଟି ଗ୍ରାମର ବାସିନ୍ଦା ଓ ଜନପ୍ରତିନିଧିଙ୍କ ସହିତ ଆଲୋଚନା କରାଯିବ ବୋଲି ଶ୍ରୀ ନନ୍ଦ କହିଛନ୍ତି ।

# ସଡ଼କ ସୁରକ୍ଷା

ସଡ଼କ ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ଦେଶର ଏକନମ୍ବର ରାଜ୍ୟ ଭାବେ ପରିଗଣିତ ହୋଇଛି ବୋଲି କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଷଷ୍ଠ ସଡ଼କ ସୁରକ୍ଷା ସମାରୋହରେ କେନ୍ଦ୍ର ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀ ଏହି ଘୋଷଣା କରିବା ସହ ଓଡ଼ିଶାକୁ ପୁରସ୍କୃତ କରିଛନ୍ତି ।

# ରେଳପଥ

ରାଜ୍ୟରେ ରେଳପଥର ବିକାଶ ପାଇଁ କେନ୍ଦ୍ର ସରକାର ୪ ହଜାର ୩୨୪ କୋଟି ଟଙ୍କାର ୨ଟି ପ୍ରକଳ୍ପକୁ ମଂଜୁରୀ ଦେଇଛନ୍ତି । ବରଗଡ଼ ରୋଡ ଓ ନୂଆପଡ଼ା ରୋଡ ୧୩୮ କିଲୋମିଟର ନୂଆ ରେଳ ଲାଇନ୍ ନିର୍ମାଣ ପାଇଁ ୨ ହଜାର ୯୨୬ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ସେହିପରି ସୁନ୍ଦରଗଡ଼ ଜିଲ୍ଲାର ସବ୍‌ଡେଗାରୁ ଛତିଶଗଡ଼ର ଭାଲୁମୁଡ଼ାକୁ ୩୭ କିଲୋମିଟର ନୂଆ ରେଳପଥ ପାଇଁ ସରକାର ୧ ହଜାର ୩୬୦ କୋଟି ଟଙ୍କା ବ୍ୟୟ କରିବେ ।

# ନେସନାଲ୍ ସ୍ପୋର୍ଟସ୍ ଡେ’

କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନ ଚାନ୍ଦଙ୍କ ଜନ୍ମ ବାର୍ଷିକୀକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଆଜିର ଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଉଛି । ମେଜର ଧ୍ୟାନଚାନ୍ଦଙ୍କ ଅଧିନାୟକତ୍ୱରେ ୩ ଥର ଲଗାତାର ଭାବେ ଭାରତ ୧୯୨୮, ୧୯୩୨ ଏବଂ ୧୯୩୬

ମସିହାରେ ହକିରେ ଅଲିମ୍ପିକ୍ସ ପଦକ ଜିତିଥିଲା । ୧୯୩୬ ମସିହାରେ ବର୍ଲିନଠାରେ ହୋଇଥିବା ହକି ଖେଳ ଦେଖି  ହିଟ୍ଲର ଆଶ୍ଚର୍ଯ୍ୟ ହେବା ସହିତ ଜର୍ମାନୀର ନାଗରିକତ୍ୱ ଗ୍ରହଣ ପାଇଁ ମେଜର ଧ୍ୟାନଚାନ୍ଦଙ୍କୁ ଅନୁରୋଧ କରିଥିଲେ ।   ୧୯୨୬ରୁ ୧୯୪୮ ମସିହା ମଧ୍ୟରେ ଧ୍ୟାନଚାନ୍ଦ ୪୦୦ରୁ ଅଧିକ ଗୋଲ୍ ସ୍କୋର କରିଥିଲେ । ଲୋକମାନଙ୍କ ମଧ୍ୟରେ ହକି ପ୍ରତି ଆଗ୍ରହ ସୃଷ୍ଟି କରିବା ଏବଂ ମେଜର ଧ୍ୟାନଚାନ୍ଦଙ୍କ ସ୍ମୃତିରେ ଏହି ଦିବସ ପାଳନ କରାଯାଉଛି ।

ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମସ୍ତଙ୍କ ମନର ଅନ୍ତର୍ନିହିତ କ୍ରୀଡ଼ା ପ୍ରତିଭାକୁ ଜାଗ୍ରତ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି ।

# ପାଣିପାଗ

ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଲଘୁଚାପରେ ପରିଣତ ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା  ମିଳିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ବର୍ଷା ଲାଗି ରହିବ । ରାଜ୍ୟର ଉପକୂଳ ଓ ଦକ୍ଷିଣ ଭାଗ ସମେତ ମାଲକାନଗିରି, କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଞ୍ଜାମ, ପୁରୀ, ଖୋର୍ଦ୍ଧା, କଟକ ଜିଲ୍ଲାମାନଙ୍କରେ  ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି ।